**ଅପ୍ସନ ଟ୍ରେଡିଂ ନିମନ୍ତେ ଅତିରିକ୍ତ ସଂକଟ ପ୍ରକଟନ ଦସ୍ତାବିଜ୍**

**ଅପ୍ସନ ହୋଲ୍ଡରମାନଙ୍କର ସଂକଟ**

୧. ଜଣେ ଅପ୍ସନ ହୋଲ୍ଡର ଅପେକ୍ଷାକୃତ କମ ସମୟରେ ଅପ୍ସନ ପାଇଁ ପୈଠ କରିଥିବା ସମଗ୍ର ରାଶି ହରାଇବା ସଂକଟ ରଖିଥାନ୍ତି। ଏହି ସଂକଟ ଏକ ଅପ୍ସନର ସ୍ୱଭାବକୁ ଏକ ନଷ୍ଟ ହେଉଥିବା ପୁଞ୍ଜି ରୂପେ ପ୍ରତିଫଳିତ କରିଥାଏ, ଯାହା ଅବୈଧ ହେବା କ୍ଷଣି ମୂଲ୍ୟହୀନ ହୋଇଥାଏ। ଜଣେ ଅପ୍ସନ ହୋଲ୍ଡର ଯିଏ କି ଦ୍ୱିତୀୟକ ବଜାରରେ ତାଙ୍କ ଅପ୍ସନ ବିକନ୍ତି ନାହିଁ କି ଏହାର ବୈଧତା ପୂରା ହେବା ପୂର୍ବରୁ ଏହା ଉପରେ କିଛି କରନ୍ତି ନାହିଁ, ସେ ନିଶ୍ଚିତ ରୂପେ ଏହି ଅପ୍ସନରେ ବିନିଯୋଗ ହୋଇଥିବା ପୁଞ୍ଜିକୁ ହରାଇଥାନ୍ତି। ଯଦି ଅଣ୍ଡରଲାଇଙ୍ଗ ମୂଲ୍ୟ ବୈଧତା ଶେଷ ହେବା ପୂର୍ବରୁ ପ୍ରତ୍ୟାଶିତ ଦିଗରେ ବଦଳେ ନାହିଁ, ଅପ୍ସନ ଖର୍ଚ୍ଚକୁ କଭର କରିବା ପର୍ଯ୍ୟନ୍ତ, ତେବେ  ନିବେଶକ ଅପ୍ସନରେ ଲଗାଇଥିବା ସମସ୍ତ ରାଶି କିମ୍ବା ତାଙ୍କ ପୁଞ୍ଜିର ଏକ ବଡ଼ ରାଶି ହରାଇପାରନ୍ତି।

୨. ଏକ୍ସଚେଞ୍ଜ ପ୍ରତିବନ୍ଧକ ଲଗାଇପାରନ୍ତି ଏବଂ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ନିର୍ଦ୍ଦିଷ୍ଟ ସମୟରେ ଅପ୍ସନ ଏକ୍ସରସାଇଜ୍ ପାଇଁ ଏକମାତ୍ର ପ୍ରାଧିକରଣ ଅଟନ୍ତି।

**ଅପ୍ସନ ରାଇଟରମାନଙ୍କର ସଂକଟ**

୧. ଅଣ୍ଡରଲାଇଙ୍ଗର ମୂଲ୍ୟ ସଂଚାଳନା ପ୍ରତ୍ୟାଶିତ ଦିଗରେ ନ ଗଲେ, ଅପ୍ସନ ରାଇଟରମାନେ ଉଲ୍ଲେଖନୀୟ ରାଶି ହରାଇବା ସଂକଟ ରଖିଥାନ୍ତି।

୨.ଏକପ୍ରକାର ଅଣ୍ଡରଲାଇଙ୍ଗ ଇଣ୍ଟରେଷ୍ଟରେ ଅନ୍ୟ ଅପ୍ସନ କିଣିବା ଦ୍ୱାରା ଅପ୍ସନ ରାଇଟର ହେବା ସଂକଟ ଲାଘବ ହୋଇପାରେ ଏବଂ ତାହା ଦ୍ୱାରା ଏକ ପରିବ୍ୟାପ୍ତ ସ୍ଥିତିକୁ ମନେ କରାଯାଇପାରିବ କିମ୍ବା ଅପ୍ସନ ମାର୍କେଟ କିମ୍ବା ଅନ୍ୟ ମାର୍କେଟରେ ଅନ୍ୟ କିସମର ହେଡଜିଙ୍ଗ ସ୍ଥିତି ଆହରଣ କରାଯାଇପାରିବ। ସେ ଯାହା ହେଉ, ଏପରିକି ଯଦି ରାଇଟର୍ ଏକ ସ୍ପ୍ରେଡ୍ କିମ୍ବା ଅନ୍ୟ ହେଡଜିଙ୍ଗ ସ୍ଥିତି ଧରିଥିଲେ, ସଂକଟଗୁଡ଼ିକ ତଥାପି ବଡ଼ ଅଟେ। ଏକ ସରଳ 'ଦୀର୍ଘ' କିମ୍ବା 'କ୍ଷୁଦ୍ର' ପୋଜିସନ୍ ଠାରୁ ଏକ ସ୍ପ୍ରେଡ ପୋଜିସନ୍ କମ ସଂକଟପୂର୍ଣ୍ଣ ହୋଇନପାରେ।

୩. ଏକାଧିକ ଅପ୍ସନ ଏକାଠି କିଣିବା କିମ୍ବା ରାଇଟିଂ କରିବା କିମ୍ବା କ୍ଷୁଦ୍ର ଅଣ୍ଡରଲାଇଙ୍ଗ ଇଣ୍ଟେରେଷ୍ଟ କିଣିବା କିମ୍ବା ବିକିବା ସହିତ ଅପ୍ସନଗୁଡ଼ିକୁ କିଣିବା କିମ୍ବା ରାଇଟିଂ କରିବା ଭଳି ନେଣଦେଣ ନିବେଶକଙ୍କ ପାଇଁ ଅତିରିକ୍ତ ସଂକଟ ଉପସ୍ଥାପିତ କରିଥାଏ। କମ୍ବିନେଶନ ନେଣଦେଣ ଯାହା ଅପ୍ସନ ସ୍ପ୍ରେଡସ, ଏକକ ଅପ୍ସନ କିଣିବା କିମ୍ବା ରାଇଟିଙ୍ଗ କରିବା ଠାରୁ ଅଧିକ ଜଟିଳ ଅଟେ। ଏବଂ ଏହା ପୁନଃ ଉଲ୍ଲେଖ କରିବା ଆବଶ୍ୟକ ଯେ ପୁଞ୍ଜି ବିନିଯୋଗ କରିବାର ଯେକୌଣସି କ୍ଷେତ୍ରରେ ଜଟିଳତା ଯାହାକୁ ଭଲ କରି ବୁଝିହୁଏ ନାହିଁ, ତାହା ନିଜେ ଏକ ସଂକଟପୂର୍ଣ୍ଣ ବିଷୟ। ଏହାର ମାନେ ଏୟା ନୁହେଁ ଯେ କମ୍ବିନେଶନ ଷ୍ଟ୍ରାଟିଜିଗୁଡ଼ିକୁ ବିଚାରଭୁକ୍ତ କରିହେବ ନାହିଁ, ଏହା ପରାମର୍ଶଯୋଗ୍ୟ ଯେ, ଅପ୍ସନଗୁଡ଼ିକରେ ସମସ୍ତ ବିନିଯୋଗ ଭଳି ବିଭିନ୍ନ ବଜାର ପରିସ୍ଥିତିରେ ଅଭିଜ୍ଞ ଏବଂ ଜ୍ଞାନୀ ଲୋକଙ୍କ ସହିତ ପରାମର୍ଶ କରି କମ୍ବିନେସନ ନେଣଦେଣର ସଂକଟ ଏବଂ ସମ୍ଭାବ୍ୟ ଲାଭ ବିଷୟରେ ପରାମର୍ଶ ନେବା ଉଚିତ।